

# ସତ୍ୟବାକ୍ୟ

# THE WORD OF TRUTH

## SEPTEMBER & OCTOBER 2013

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

## CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

Vol.19.Sep & Oct - 2013.No-5

Published every two months in **Oriya** language for the Restoration of pure New Testament Christianity

---

### ସମ୍ପାଦକଙ୍କ କଲମରୁ...

ପ୍ରିୟ "ସତ୍ୟବାଣୀ" ପାଠକ,

ଦୀର୍ଘ ପନ୍ଦର ବର୍ଷ ଧରି ବିନାମୂଲ୍ୟରେ ଆପଣଙ୍କୁ "ସତ୍ୟବାଣୀ" ପତ୍ରିକା ପଠାଇବାରେ ଈଶ୍ୱର ଆମ୍ଭମାନଙ୍କୁ ଆଶୀର୍ବାଦ କଲେ, ଈଶ୍ୱରଙ୍କ ନାମ ଧନ୍ୟ ହେଉ। ପ୍ରତିକୂଳ ପରିସ୍ଥିତି ଯୋଗୁଁ, ଏହି ପତ୍ରିକା ବିନାମୂଲ୍ୟରେ ପଠାଇବାରେ ଆମ୍ଭେମାନେ ସକ୍ଷମ ନୋହୁଁ । ଆସନ୍ତା ମାସରୁ ଏହି ପତ୍ରିକା ପ୍ରାପ୍ତ ହେବାକୁ ଇଚ୍ଛୁକ ଭାଇଭଉଣୀମାନଙ୍କୁ ବାର୍ଷିକ ଚାନ୍ଦା ରୂପେ ୧୦୦/- ଟଙ୍କା ନିମ୍ନଲିଖିତ ଠିକଣାରେ M.O. ଦ୍ୱାରା ପଠାଇବାକୁ ଅନୁରୋଧ କରୁ।

**SATYA VANI**
H.No. 7-9-35
Sam Murthy Street, KAKINADA, A.P.
PIN - 533001

# ସତ୍ୟବାଣୀ

# VOICE OF TRUTH

VOL - XVIII KAKINADA SEP-OCT-2013

## ଏହୂଦ, ଇଶ୍ରାଏଲର ଦ୍ୱିତୀୟ ବିଚାର କର୍ତ୍ତା

### (Ehud, Israel's Second Judge)

ଏହୂଦ, ଇଶ୍ରାଏଲର ଦ୍ୱିତୀୟ ବିଚାରକର୍ତ୍ତା ଥିଲେ । ସେ ବିନ୍ୟାମୀନ ବଂଶୀୟ ଗେରାର ପୁତ୍ର । ବାହାତିଆ ଏହି ବିଚାରକର୍ତ୍ତା ଇଶ୍ରାଏଲ ସନ୍ତାନଗଣଙ୍କୁ ମୋୟାବ ରାଜା ଇଗ୍ଲୋମଠାରୁ ଉଦ୍ଧାର କରିଥିଲେ । ଏହାର ବିବରଣ ଆମ୍ଭେମାନେ ବିଚାରକର୍ତ୍ତା ୧୩:୧୨-୩୦ ପଦରେ ପଢ଼ିପାରୁ ।

ଇଶ୍ରାଏଲର ପ୍ରତ୍ୟେକ ବିଚାରକର୍ତ୍ତା କାର୍ଯ୍ୟ ଇଶ୍ରାଏଲ ଦୁଷ୍ଟତାର କାହାଣୀ କହେ । ଇଶ୍ରାଏଲ ପାପ କରିବା ସମୟରେ, ସଦାପ୍ରଭୁ ସେମାନଙ୍କୁ ଶତ୍ରୁ ହସ୍ତରେ ସମର୍ପଣ କରୁଥିଲେ । "ଅନନ୍ତର ଇଶ୍ରାଏଲ-ସନ୍ତାନଗଣ, ସଦାପ୍ରଭୁଙ୍କ ଦୃଷ୍ଟିରେ ଯାହା ମନ୍ଦ, ତାହା ପୁନର୍ବାର କଲେ, ଏହେତୁ ସଦାପ୍ରଭୁଙ୍କ ଦୃଷ୍ଟିରେ ଯାହା ମନ୍ଦ, ତାହା ସେମାନେ କରିବାରୁ, ସଦାପ୍ରଭୁ ଇଶ୍ରାଏଲ ପ୍ରତିକୂଳରେ ମୋୟାବର ରାଜା ଇଗ୍ଲୋନକୁ ସବଳ କଲେ । ତହୁଁ ସେ ଅମ୍ମୋନ ଓ ଅମାଲେକ ସନ୍ତାନଗଣଙ୍କୁ ଆପଣା ନିକଟରେ ଏକତ୍ର କଲା ସେ ଇଶ୍ରାଏଲକୁ ଆଘାତ କରି ଖର୍ଜ୍ଜୂରପୁର ଅଧିକାର କଲା । ତହିଁରେ ଇଶ୍ରାଏଲ-ସନ୍ତାନଗଣ ଅଠର ବର୍ଷ ପର୍ଯ୍ୟନ୍ତ ମୋୟାବୀୟ ରାଜା ଇଗ୍ଲୋନର ସେବା କଲେ ।" (ବିଚାରକର୍ତ୍ତା ୩:୧୨-୧୪) । ଇଶ୍ରାଏଲର ମନପରିବର୍ତ୍ତନ ନିମନ୍ତେ, ନ୍ୟାୟବାନ ପରମେଶ୍ୱର ଇଶ୍ରାଏଲ-ସନ୍ତାନମାନଙ୍କୁ ଶତ୍ରୁ ହସ୍ତରେ ସମର୍ପଣ କରିଥିଲେ ।

୧) ସଦାପ୍ରଭୁ ଆପଣା ସନ୍ତାନମାନଙ୍କ ପାପ ନିମନ୍ତେ, ସେମାନଙ୍କୁ ଦଣ୍ଡିତ କରିଥିଲେ । (୧୨-୧୪ ପଦ) ।

୨) ପରମେଶ୍ୱରଙ୍କ ଶକ୍ତି ଦ୍ୱାରା ପ୍ରାପ୍ତ ସକଳ ଆଶୀଷ, ଆମ୍ଭେମାନେ ଆପଣା

ଆପଣା ପାପ ସକାଶୁ ହରାଇବୁ ବୋଲି ଏହି ଘଟଣା ଆମ୍ଭମାନଙ୍କୁ ଶିକ୍ଷା ଦିଏ । (୧୩ମ ପଦ) ।

୩) ଇଶ୍ରାଏଲ-ସନ୍ତାନମାନେ କିଣାନ୍ ଦେଶରେ ପ୍ରବେଶ କରିବା ପରେ, ସଦାପ୍ରଭୁଙ୍କ ଦୃଷ୍ଟିରେ ମନ୍ଦକର୍ମ କରିବାରୁ, ପ୍ରଥମେ ସେ କୂଶନ୍-ରିଷିୟାଥୟିମର ହସ୍ତରେ ବିକ୍ରୟ କଲେ । ଇଶ୍ରାଏଲ-ସନ୍ତାନ ଆଠବର୍ଷ ପର୍ଯ୍ୟନ୍ତ ସେମାନଙ୍କ ସେବା କଲେ (୮ମପଦ) । ଦ୍ୱିତୀୟ ଥର ପରମେଶ୍ୱର, ଇଶ୍ରାଏଲ ସନ୍ତାନମାନଙ୍କୁ ଅଠର ବର୍ଷ ଇଗ୍ଲୋନ ରାଜା ହସ୍ତରେ ସମର୍ପଣ କରିଥିଲେ । ପ୍ରଥମ ଶାସ୍ତିରୁ ସେମାନେ ଶିକ୍ଷା କରି ନ ଥିବାରୁ, ଦ୍ୱିତୀୟ ଥର ସେମାନଙ୍କ ଦଶବର୍ଷ ଅଧିକା ଶାସ୍ତି ଦିଆଯାଇଥିଲା । ପ୍ରଥମ ଶାସ୍ତିରୁ ଶିକ୍ଷା ଗ୍ରହଣ ନକଲେ, ଦ୍ୱିତୀୟ ଶାସ୍ତି ଗୁରୁତ୍ୱର ହୁଏ ।

୪) ଇଶ୍ରାଏଲ-ସନ୍ତାନମାନେ ସଦାପ୍ରଭୁଙ୍କ ନିକଟରେ କ୍ରନ୍ଦନ କରନ୍ତେ ସଦାପ୍ରଭୁ ଏହୂଦଙ୍କୁ ଉତ୍ପନ୍ନ କଲେ (୧୫ମ ପଦ) । ପ୍ରଭୁ ଆମ୍ଭମାନଙ୍କ ପ୍ରାର୍ଥନାର ଉତ୍ତର ଦିଅନ୍ତି । ଆମ୍ଭମାନଙ୍କ ନିମନ୍ତେ ଚିନ୍ତା କରନ୍ତି ଓ ଯତ୍ନ ନିଅନ୍ତି ।

୫) ସେ ସମୟରେ ବିନ୍ୟାମୀୟ ଗୋଷ୍ଠୀ ଏକ ଦୁର୍ବଳ ଜାତି ଥିଲେ । ବାହାତିଆ ଏହୂଦ ଏହି ବଂଶୀୟ ଥିଲେ । ଦୁର୍ବଳତାରୁ ଶକ୍ତି ଉତ୍ପନ୍ନ କରିବାକୁ ସଦାପ୍ରଭୁ ସକ୍ଷମ ଅଟନ୍ତି । (୧ମ କରିନ୍ଥୀ ୧୨:୨୪) ।

୬) ଏହୂଦ, ସଦାପ୍ରଭୁଙ୍କ ବାର୍ତ୍ତା ଇଗ୍ଲୋନ୍ ନିକଟ ଘେନି ନେଇଥିଲେ । (୨୦ମ ପଦ) । ବାଇବଲ ଆମ୍ଭମାନଙ୍କୁ ସଦାପ୍ରଭୁଙ୍କ 'ବାର୍ତ୍ତା' ପ୍ରକଟ କରେ ।

୭) ଏହୂଦଙ୍କ ନେତୃତ୍ୱରେ, ଇଶ୍ରାଏଲ ସନ୍ତାନମାନେ ମୋୟାବୀୟମାନଙ୍କୁ ସଂପୂର୍ଣ୍ଣଭାବେ ପରାସ୍ତ କରି ହସ୍ତାଧୀନ କଲେ । (୨୭-୨୯ ପଦ) । ସଦାପ୍ରଭୁଙ୍କ ଇଚ୍ଛାରେ ଆମ୍ଭେମାନେ ସଂପୂର୍ଣ୍ଣଭାବେ ଆପଣା ଆପଣାକୁ ସମର୍ପଣ କରୁ । ତାହାଙ୍କ ଇଚ୍ଛା ସଂପୂର୍ଣ୍ଣଭାବେ ପାଳନ ନ କଲେ, ସେ ଆମ୍ଭମାନଙ୍କ ପ୍ରତି ତୁଷ୍ଟ ହେବେ ନାହିଁ ।

୮) ଏହୂଦ ଏକ ଉତ୍ତମ ନେତା ଥିଲେ । ସେ ଇଶ୍ରାଏଲ ସନ୍ତାନମାନଙ୍କ ଅଗ୍ରଗାମୀ ହୋଇ କହିଲେ, "...ମୋ ପଛେ ପଛେ ଆସ ।" ଏହୂଦଙ୍କ ଉତ୍ତମ ନେତୃତ୍ୱ ଦ୍ୱାରା ଇଶ୍ରାଏଲ-ସନ୍ତାନମାନେ ମୋୟାବର ଊଣାଧିକ ଦଶ ହଜାର ଲୋକଙ୍କୁ ବଧ କରି ବିଜୟୀ ହୋଇଥିଲେ ।

୯)  ଈଶ୍ରାଏଲମାନେ ଅଶୀବର୍ଷ ପର୍ଯ୍ୟନ୍ତ ବିଶ୍ରାମ ପ୍ରାପ୍ତ ହେଲେ । ଯେଉଁମାନେ ସଦାପ୍ରଭୁ ପରମେଶ୍ୱରଙ୍କ ଆଜ୍ଞାବହ ହୁଅନ୍ତି , ସେମାନେ ଅନନ୍ତ ବିଶ୍ରାମ ଲବ୍ଧ ହେବେ । ଏହୂଦ ଓ ଅନ୍ୟ ବିଚାରକର୍ତ୍ତାମାନେ, ବିଶ୍ୱସ୍ତ ପରିଚର୍ଯ୍ୟାର ମୂଲ୍ୟ ଆମ୍ଭମାନଙ୍କୁ ଶିକ୍ଷା ଦିଅନ୍ତି । ସୁସମାଚାରର ଆଜ୍ଞାବହ ହୁଅ । (ପ୍ରେରିତ ୨:୩୬-୪୧) । ବିଶ୍ୱସ୍ତ ଜୀବନ ଯାପନ କର, ସଦାପ୍ରଭୁ ଆପଣଙ୍କୁ ଅନନ୍ତ ଜୀବନରୂପ ମୁକୁଟ ପ୍ରଦାନ କରିବେ ।

*– Charles Box*

❋❋❋

# ଅତି ପବିତ୍ର ସ୍ଥାନ

**(In the Holy of Holies)**

ଆମ୍ଭେମାନେ ଯେତେବେଳେ ଅତି ପବିତ୍ର ସ୍ଥାନରେ ଥାଉଁ, ଈଶ୍ୱରଙ୍କ ମନ୍ଦିରର ବାହାରେ ନ ଥାଇ ତାହାଙ୍କ 'ସହ' ଥାଉଁ । ଆମ୍ଭେମାନେ 'ଖ୍ରୀଷ୍ଟଙ୍କ ଠାରେ' ଥିଲେ, ଏହି ଜାଗତିକ ଭାବେ ଆଚରଣ କରି ନ ଥାଉଁ । ଆମ୍ଭେ ଈଶ୍ୱରଙ୍କ ଥାଉଁ କିଅବା ଅନ୍ଧକାର ରାଜ୍ୟରେ ଥାଉଁ । ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ଅଥବା ଶୟତାନର ସନ୍ତାନ । ଏହି ଦୁଇ ସ୍ଥିତି ବ୍ୟତିତ, ମଧ୍ୟସ୍ଥ ସ୍ଥିତି ବିଷୟରେ ଧର୍ମଶାସ୍ତ୍ର ମୌନ ରହେ । ଯଦିଓ ଯୀଶୁଖ୍ରୀଷ୍ଟଙ୍କୁ କେତେକଙ୍କୁ ଈଶ୍ୱରଙ୍କ ରାଜ୍ୟରୁ ଦୂରରେ ନାହିଁ ବୋଲି କହିଥିଲେ, ତଥାପି ସେ ସେମାନଙ୍କୁ 'ଈଶ୍ୱରଙ୍କ ରାଜ୍ୟର ସନ୍ତାନ' ବୋଲି କହି ନଥିଲେ ।

ଯେଉଁମାନେ ଖ୍ରୀଷ୍ଟଙ୍କ ଆତ୍ମା ପାଇ ନ ଥାନ୍ତି, ସେମାନେ ଖ୍ରୀଷ୍ଟଙ୍କର ନୁହନ୍ତି । (ରୋମୀୟ ୮:୯) । ଆମ୍ଭେମାନେ କ୍ଷମାପ୍ରାପ୍ତ ଶ୍ରେଣୀରେ ଅନ୍ତର୍ଭୁକ୍ତ ଅଥବା ଯେଉଁମାନେ ଆପଣା ଆପଣା ପାପ ବହୁଅଛନ୍ତି ସେମାନଙ୍କ ଶ୍ରେଣୀରେ ଅନ୍ତର୍ଭୁକ୍ତ ।

କେବଳ ଦୁଇଟି ମାର୍ଗ–(୧) ଓସାର, (୨) ସଂକୀର୍ଣ୍ଣ । ଓସାର ଓ ପ୍ରଶସ୍ତ ମାର୍ଗ ବିନାଶ ଘେନିଯାଏ । ଏଥିରେ ଯାତ୍ରା କରିବା ଲୋକେ ଅନେକେ । ସଂକୀର୍ଣ୍ଣ ଦ୍ୱାର ଅନନ୍ତ ଜୀବନକୁ ଘେନି ଯାଏ, ସେଥିରେ ପ୍ରବେଶ କରିବା ଲୋକେ ଅଳ୍ପ । ଏହି ସଂକୀର୍ଣ୍ଣ ପଥରେ ଆମ୍ଭେମାନେ ଖୀଷ୍ଟଙ୍କ ରକ୍ତଦ୍ୱାରା ପ୍ରବେଶ କରିଥାଉଁ । ଏହି ଅତି ପବିତ୍ର ପଥ ବା ଯାତ୍ରାରେ ଆମ୍ଭେମାନେ ଈଶ୍ୱର ସାନ୍ନିଧ ପ୍ରାପ୍ତ ହୋଇ, ତାହାଙ୍କ

ନିକଟବର୍ତ୍ତୀ ହେବାର ସୁଯୋଗ ପାଇ ଥାଉଁ । ସୁସମାଚାରର ଆଜ୍ଞାବହ ହେବା ଅର୍ଥାତ୍ ବାପ୍ତିଜିତ ହେବା ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ଠାରୁ କେବେ ବି ବିଚ୍ଛିନ୍ନ ହେବା ନାହିଁ । ଈଶ୍ୱରଙ୍କ ବାକ୍ୟ କହେ, "ଯେଉଁମାନେ ଈଶ୍ୱରଙ୍କୁ ଜାଣନ୍ତି ନାହିଁ ଓ ଆମ୍ଭମାନଙ୍କ ପ୍ରଭୁଯୀଶୁଙ୍କ ସୁସମାଚାର ମାନନ୍ତି ନାହିଁ, ସେମାନଙ୍କୁ ସେ ସେତେବେଳେ ଦଣ୍ଡ ଦେବେ ।" (୨ ଥେସ ୧:୮) ।

ଆମ୍ଭେମାନେ ଅତି ପବିତ୍ର ସ୍ଥାନର "ଭିତରେ" ଅଛୁଁ ବା "ବାହାରେ ଅଛୁଁ" । ସଦାପ୍ରଭୁଙ୍କ ଧନ୍ୟବାଦ ଦେଉ, ସେ ତାହାଙ୍କ ଅଦ୍ୱିତୀୟ ପୁତ୍ରଙ୍କ ଦ୍ୱାରା "ଭିତର"କୁ ଯିବା ନିମନ୍ତେ ଅଧିକାର ଦେଇଅଛନ୍ତି । ଯେଉଂମାନେ ଅତି ପବିତ୍ର ସ୍ଥାନର ବାହାରେ ଅଛନ୍ତି, ସେମାନଙ୍କୁ ପ୍ରେମମୟ ପିତା ଓ ତାହାଙ୍କ ପୁତ୍ରଙ୍କ ବିଷୟରେ ପ୍ରଚାର କରି, ଭିତରକୁ କଢ଼ାଇ ନେଉଁ ।

– *Doyle Kee*

❋❋❋

# ମୃତମାନଙ୍କ ପ୍ରତି ଅନୁଗ୍ରହ

## (Kindness to the Dead)

ନିୟମୀ ଓ ରତୁ ବିଧବା ଦ୍ୱୟ ମୋୟାବ ଦେଶରୁ ବେଥଲିହିମ୍ ନଗରକୁ ଫେରି ଆସିବା ପରେ, ବୋୟଜ ସେମାନଙ୍କ ଉପରେ ସଦୟ ବ୍ୟବହାର କରୁଥିବାରୁ, ନିୟମୀ ତାହାଙ୍କୁ ପ୍ରଂଶସା କରି କହିଥିଲେ, "...ଯେ ଜୀବିତ ଓ ମୃତ ଲୋକମାନଙ୍କୁ ପ୍ରତି ଅନୁଗ୍ରହ ନିବୃତ୍ତ କରି ନାହାନ୍ତି, ସେହି ସଦାପ୍ରଭୁଙ୍କ ଠାରୁ ସେ ଆଶୀର୍ବାଦ ପ୍ରାପ୍ତ ହେଉ ।" (ରତ ୨:୨୦) ।

ଜୀବିତମାନଙ୍କ ପ୍ରତି ସଦୟ ହେବା ବିଷୟ ଆମ୍ଭେମାନେ ବୁଝିପାରୁ, କିନ୍ତୁ ମୃତମାନଙ୍କ ପ୍ରତି କିପରି ଅନୁଗ୍ରହ ପ୍ରଦର୍ଶନ କରି ପାରିବା ? ନିୟମୀ ଓ ରତ ପ୍ରତି ସଦୟ ବ୍ୟବହାର କରିବା ହିଁ ସେମାନଙ୍କ ସ୍ୱାମୀମାନଙ୍କ ପ୍ରତି ଅନୁଗ୍ରହ କରିବା । ନିୟମୀ ଓ ରତ ପ୍ରତି ସଦୟ ବ୍ୟବହାର କରି, ବୋୟଜ ସେମାନଙ୍କ ସ୍ୱାମୀ ଏଲିମେଲକ ଓ ମହଲୋନ ପ୍ରତି ଅନୁଗ୍ରହ ପ୍ରଦର୍ଶନ କରିଥିଲେ ।

ମୃତ ଲୋକମାନଙ୍କ ପରିବାର ପ୍ରତି ସଦୟ ହେବା ଓ ସାହାଯ୍ୟ କରିବା ଏକ ଖ୍ରୀଷ୍ଟିୟ ସୁଗୁଣ । କ୍ରୁଶ ଉପରେ ଝୁଲୁଥିବା ସମୟରେ ଯୀଶୁଖ୍ରୀଷ୍ଟ, ଆପଣା ମାତାଙ୍କ ମରିୟମଙ୍କ ସଂରକ୍ଷଣର ଭାର ଆପଣା ପ୍ରିୟ ଶିଷ୍ୟ ଯୋହନଙ୍କ ଉପରେ ନ୍ୟସ୍ତ କରିଥିଲେ । (ଯୋହନ ୧୯:୨୬-୨୭) । ଏହା ଏକ ହୃଦୟ ସ୍ପର୍ଶୀ ଘଟଣା ଥିଲା ।

ବିଧବା ଓ ପିତୃହୀନମାନଙ୍କ ଯତ୍ନ ନେବା ବିଷୟରେ ଧର୍ମଶାସ୍ତ୍ରରେ ପଢ଼ିଥାଉଁ । ମୋଶାଙ୍କ ବ୍ୟବସ୍ଥାର ସମୟ ପୂର୍ବରୁ ଏବ୍ରୀୟ ବିଧବାମାନେ ମୃତ ସ୍ୱାମୀର ଭ୍ରାତାଙ୍କ ସହ ବିବାହ କରି ସନ୍ତାନ ପ୍ରସବ କରିବା ନିୟମ ଥିଲା । ଏତଦ୍ୱାରା ବିଧବାମାନେ ପରତ୍ୟକ୍ତ ନ ହୋଇ, ପାରିବାରିକ ସୁଖ ସନ୍ତୋଷ ଅନୁଭବ କରିପାରୁଥିଲେ । (ଆଦି ୩୮:୬-୧୧) । ମୋଶାଙ୍କ ବ୍ୟବସ୍ଥା ସମୟରେ ମଧ୍ୟ, ଏହିପରି ନିୟମ ପ୍ରଚଳନ ଥିଲା । ଲେଖାଯାଏ, "ଭାଇମାନେ ଏକତ୍ର ବାସ କରୁଥିଲେ, ଯେବେ ସେମାନଙ୍କ ମଧ୍ୟରୁ ଜଣେ ମରେ ଓ ତାହାର ସନ୍ତାନ ନ ଥାଏ, ତେବେ ସେହି ମୃତ ଲୋକର ଭାର୍ଯ୍ୟା ବାହାରର ଅନ୍ୟ ପୁରଷକୁ ବିବାହ କରିବ ନାହିଁ, ତାହାର ଦେବର ତାହାକୁ ବିବାହ କରି ତାହାର ସହବାସ କରିବ ଓ ତାହା ପ୍ରତି ଦେବରର କର୍ତ୍ତବ୍ୟ କର୍ମ କରିବ ।" (ଦ୍ୱି.ବି. ୨୫:୫-୭) ।

ବିଧବା ଓ ପିତୃହୀନମାନଙ୍କ ଉପରେ ସଦାପ୍ରଭୁଙ୍କ ଦୃଷ୍ଟି ଥାଏ । ପିତା ଆପଣା ସନ୍ତାନମାନଙ୍କ ପ୍ରତି ଦୟା ଦୃଷ୍ଟି ରଖିଲା ପରି, ସେ ସେମାନଙ୍କ ଉପରେ ଦୟାଦୃଷ୍ଟି ରଖନ୍ତି । "ତୁମ୍ଭେ ସେମାନଙ୍କୁ କୌଣସି ପ୍ରକାରେ କ୍ଳେଶ ଦେଲେ, ସେମାନେ ଯେବେ ଆମ୍ଭ ନିକଟରେ ଖାଲି ଡାକ ପକାଇବେ, ତେବେ ଆମ୍ଭେ ଅବଶ୍ୟ ସେମାନଙ୍କ ଡାକ ଶୁଣିବା ।" (ଯାତ୍ରା ୨୨:୨୩) । "କାରଣ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ସେ ଦେବଗଣର ଦେବ ଓ ପ୍ରଭୁମାନଙ୍କ ପ୍ରଭୁ, ମହାନ, ସର୍ବଶକ୍ତିମାନ ଓ ଭୟଙ୍କର ପରମେଶ୍ୱର, ସେ ମନୁଷ୍ୟର ମୁଖାପେକ୍ଷ କରନ୍ତି ନାହିଁ, କିମ୍ବା ଲାଞ୍ଚ ଗ୍ରହଣ କରନ୍ତି ନାହିଁ । ସେ ପିତୃହୀନ ଓ ବିଧବାର ବିଚାର ନିଷ୍ପତ୍ତି କରନ୍ତି ଓ ବିଦେଶୀ କି ଅନ୍ନବସ୍ତ୍ର ଦେଇ ପ୍ରେମ କରନ୍ତି ।" (ଦ୍ୱି.ବ. ୧୦:୧୭-୧୮) ।

ଯୀଶୁ ଫାରୁଶୀମାନଙ୍କୁ କହିଲେ, "ହାୟ, ଦଣ୍ଡର ପାତ୍ର କପଟୀ ଶାସ୍ତ୍ରୀ ଓ ଫାରୁଶୀମାନେ, କାରଣ ତୁମ୍ଭମାନେ ଛଳରେ ଦୀର୍ଘ ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ବିଧବାମାନଙ୍କର ଗୃହ ସବୁ ଗ୍ରାସ କରୁଥାଅ, ଏଣୁ ତୁମ୍ଭେମାନେ ଗୁରୁତ୍ୱର ଦଣ୍ଡ ପାଇବ ।"

(ମାଥିଉ ୨୩:୧୪) । ବିଧବାମାନଙ୍କ ଗୃହଗ୍ରାସ କରିବା ଗୁରୁତ୍ୱର ପାପ !

ଏହି ଅନୁଗ୍ରହ ଯୁଗରେ ବିଧବାମାନଙ୍କ ପ୍ରତି ପରମେଶ୍ୱରଙ୍କ କୃପା କି କମି ଯାଇଅଛି ? କେବେ ନୁହେଁ । ପ୍ରେରିତ ପାଉଲ ବିଧବାମାନଙ୍କ ତତ୍ତ୍ୱବଧାନ କରିବା ନିମନ୍ତେ ଆମ୍ଭମାନଙ୍କ ଆଜ୍ଞା ଦେଇଅଛି । (୧ମ ତୀମଥି ୫:୩-୫) । ପ୍ରଥମ ଶତାବ୍ଦୀରେ ମଣ୍ଡଳୀରେ ଥିବା ବିଧବାମାନଙ୍କ ତତ୍ତ୍ୱବଧାନ ଖ୍ରୀଷ୍ଟିୟାନମାନେ ନେଉଥିଲେ । ଏହି ପ୍ରଥାହିଁ ଆମ୍ଭମାନଙ୍କ ଅନୁଦେୟ ହେଉ । ଆମ୍ଭମାନେ ଯଦି ବିଧବା ଓ ପିତୃହୀନମାନଙ୍କୁ ତତ୍ତ୍ୱ ନ ନେଉ, ଆମ୍ଭେମାନେ ଅଧାର୍ମିକ ରୂପେ ଗଣିତ ହେବୁ । ବାକ୍ୟ କହେ, "ଅନାଥ ଓ ବିଧବାମାନଙ୍କୁ ଦୁଃଖାବସ୍ଥାରେ ସଂଖୋଳିବା ପୁଣି ସଂସାରରୁ ଆପଣାକୁ ନିଷ୍କଳଙ୍କ ରୂପେ ରକ୍ଷା କରିବା, ଏହା ଆମ୍ଭମାନଙ୍କ ଈଶ୍ୱର ଓ ପିତାଙ୍କ ଛାମୁରେ ବିଶୁଦ୍ଧ ଓ ନିର୍ମଳ ଧର୍ମ ପରାୟଣତା ଅଟେ ।" (ଯାକୁବ ୧:୨୭) ।

ନୟୋମୀ, ବୟୋଜଙ୍କ ପ୍ରସଂସା କରୁ କରୁ ଆମ୍ଭମାନଙ୍କୁ ବିଧବାମାନଙ୍କ ତତ୍ତ୍ୱବଧାନ ନେବାର ପ୍ରତିଫଳ ବିଷୟ ଆମ୍ଭମାନଙ୍କୁ ଶିକ୍ଷା ଦିଅନ୍ତି । ଆମ୍ଭେମାନେ ବିଧବାମାନଙ୍କ ପ୍ରତି ଅନୁଗ୍ରହ ଦେଖାଇବା ଦ୍ୱାରା, ଜୀବିତ ଓ ମୃତ ଉଭୟ ଉପରେ ଅନୁଗ୍ରହ ପ୍ରଦର୍ଶନ କରିଥାଉଁ ।

*– Glenn Colley*

❋❋❋

# ଧାର୍ମିକ କିଏ ?

## (Who is righteous ?)

"...ଧାର୍ମିକ କେହି ନାହିଁ, ନା ଜଣେ ସୁଦ୍ଧା ନାହିଁ...।" (ରୋମୀୟ ୩:୧୦) । ସମସ୍ତେ ପାପ କରି ଅଧାର୍ମିକ ଗଣିତ ହୋଇ ଅଛନ୍ତି । ଆପଣାକୁ ଆପେ ମହତ ମଣିବା ଲୋକେ, ଈଶ୍ୱରଙ୍କ ବାକ୍ୟକୁ ଅମାନ୍ୟ କରିବା ଲୋକେ ଧାର୍ମିକ ଗଣିତ ହେବେ ନାହିଁ ।

ପରମେଶ୍ୱରଙ୍କ ଦ୍ୱାରା ମନୁଷ୍ୟ କିପରି ଧାର୍ମିକ ଗଣିତ ହୋଇପାରିବ ? ଆକ୍ଷରିକଭାବେ କହିବାକୁ ଗଲେ, ଯେଉଁମାନେ ପାପ କରି ନାହାନ୍ତି ସେମାନେ ଧାର୍ମିକ ।

ଆପଣା ଧର୍ମକର୍ମ ଦ୍ୱାରା ଧାର୍ମିକ ଗଣିତ ହେବାକୁ ଉଚ୍ଛୁକମାନେ, କେବେ ବି ପାପ ନକରିବା ଆବଶ୍ୟକ । କିନ୍ତୁ ବାଇବଲ କହେ, "ସମସ୍ତେ ତ ପାପ କରି ଅଛନ୍ତି ।" (ରୋମୀୟ ୩:୨୩) । ଅତଏବ ଧାର୍ମିକ କେହି ନାହିଁ ।

ଯଦି ଆମ୍ଭେମାନେ ପରମେଶ୍ୱରଙ୍କ ସମସ୍ତ ଆଜ୍ଞା ପାଳନ କରି ଧାର୍ମିକ ଗଣିତ ହେବାକୁ ମନେ କରୁଅଛୁ, ତେବେ ଆମ୍ଭେମାନେ ଆପଣା ଆପଣା ପାପ ବିଷୟରେ ଅନ୍ଧ ଅଟୁଁ । ଫାରୁଶୀମାନଙ୍କ ଧାର୍ମିକତା ବିଷୟରେ ପ୍ରେରିତ ପାଉଲ କହିଲେ, "ଯେଣୁ ଈଶ୍ୱରଦତ୍ତ ଧାର୍ମିକତା, ବିଷୟରେ ଅଜ୍ଞ ହୋଇ ଓ ଆପାଣା ଆପଣା ଧାର୍ମିକତା ସ୍ଥାପନ କରିବାକୁ ଚେଷ୍ଟା କରି ସେମାନେ ଈଶ୍ୱରଦତ୍ତ ଧାର୍ମିକତାର ବଶୀଭୂତ ହୋଇ ନାହାନ୍ତି ।" (ରୋମୀୟ ୧୦:୩) ।

ଯଦି ଆମ୍ଭେମାନେ ଆପଣାକୁ ଆପେ ଧାର୍ମିକ ମଣୁଅଛୁ, ତାହେଲେ ଲୂକ ୧୯:୯-୧୪ରେ ବର୍ଣ୍ଣିତ ଫାରୁଶୀ ସଦୃଶ୍ୟ ଅଛୁଁ । ଆସ, ଆମ୍ଭେମାନେ ଆପଣାକୁ ଧାର୍ମିକ ଗଣିତ ନିମନ୍ତେ, ଖ୍ରୀଷ୍ଟଙ୍କଠାରେ ନିର୍ଭର କରୁ । ଧାର୍ମିକ କିଏ ? "ହେ ବତ୍ସଗଣ, କେହି ତୁମ୍ଭମାନଙ୍କୁ ଭ୍ରାନ୍ତ ନ କରୁ, ଯେ ଧର୍ମାଚରଣ କରେ, ସେ ଯେପରି ଧାର୍ମିକ ଅଟନ୍ତି, ସେ ସେହିପରି ଧାର୍ମିକ ଅଟେ । ... ...ଯେକେହି ଧର୍ମାଚରଣ କରେ ନାହିଁ, କିଅବା ଆପଣା ଭାଇକୁ ପ୍ରେମ କରେ ନାହିଁ ସେ ଈଶ୍ୱରଙ୍କ ଠାରୁ ଜାତ ନୁହେଁ ।" (୧ମ ଯୋହନ ୩:୭-୧୦) । ଯଦି ଆମ୍ଭେମାନେ ଆପଣା ଦୈନିକ ଆଚାର ବ୍ୟବହାରରେ ଅଧାର୍ମିକ ଅଟୁଁ, ତାହାହେଲେ କିପରି ଧାର୍ମିକ ଗଣିତ ହୋଇ ପାରିବା ?

ଆତ୍ମମାନଙ୍କ ପରମେଶ୍ୱରଙ୍କ ସହ ସମ୍ବନ୍ଧ ଆତ୍ମୀୟ ଥିବାରୁ, ଆମ୍ଭେମାନଙ୍କ ଶରୀର ଦ୍ୱାରା କୃତ ପାପ ଗଣିତ ହୁଏ ନାହିଁ ବୋଲି ତର୍କ କରିବା ଲୋକେ ଏ ଜଗତରେ ବିରଳ ନୁହନ୍ତି । କିନ୍ତୁ ପ୍ରେରିତ ଯୋହନ ଆତ୍ମମାନଙ୍କୁ ପରମେଶ୍ୱରଙ୍କୁ ଜ୍ଞାତ ହେବା ନିମନ୍ତେ ଓ ତାହାଙ୍କଠାରୁ ଜାତ ହେବା ନିମନ୍ତେ ଆତ୍ମମାନଙ୍କୁ ତାହାଙ୍କ ଆଜ୍ଞା ପାଳନ କରିବା ଆବଶ୍ୟକ ବୋଲି ୧ମ ଯୋହନ ୩:୨୪ରେ ଲେଖିଅଛି । ଯୀଶୁ ଯେପରି ଜୀବନଯାପନ କରିଥିଲେ । ସେପରି ଜୀବନ ଯାପନ କରିବାକୁ ହେବ (୧ମ ଯୋହନ ୨:୬) ଓ ସେ ଯେପରି ଧାର୍ମିକ ଆତ୍ମମାନଙ୍କୁ ସେପରି ଧାର୍ମିକ ହେବା ଆବଶ୍ୟକ । (୧ମ ଯୋହନ ୨:୨୯) ।

ଧାର୍ମିକ ଓ ଅଧାର୍ମିକ ଜୀବନର ପାର୍ଥକ୍ୟ କିଛି ନାହିଁ ବୋଲି ମନେ କରିବା

ଲୋକେ, ଆପଣା ଆପଣାକୁ ପ୍ରବଞ୍ଚନା କରୁ ଅଛନ୍ତି । ଖ୍ରୀଷ୍ଟଙ୍କ ବାକ୍ୟ ଅମାନ୍ୟ କରୁ ଅଛନ୍ତି । ଯୀଶୁ କହିଲେ, "ମୋତେ ପ୍ରଭୁ ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବେ ।" (ମାଥିଉ ୭:୨୧) । "ଯଦି ତୁମ୍ଭେମାନେ ମୋତେ ପ୍ରେମ କର, ତାହାହେଲେ ମୋହର ଆଜ୍ଞାସବୁ ପାଳନ କରିବ ।" (୧ମ ଯୋହନ ୧୪:୧୫) । "...ଏହା କର, ତାହାହେଲେ ତୁମ୍ଭେ ଜୀବନ ପାଇବ ।" (ଲୂକ ୧୦:୨୮) ।

ଈଶ୍ୱରଙ୍କ ବାକ୍ୟ ଓ ସିଦ୍ଧାନ୍ତରେ ବିଶ୍ୱାସ କଲେ ସୁଦ୍ଧା, ଯଦି ଆମ୍ଭେମାନେ ପାପ ଓ ଅପରାଧରେ ଜୀବନଯାପନ କରୁଅଛୁ, ଆମ୍ଭେମାନେ ବିନଷ୍ଟ ହେବା ।

## ଧାର୍ମିକ କିଏ ?

"ସତ୍ୟ ଜାଣିବା ଆବଶ୍ୟକ ଓ ତାହା ପାଳନ କରିବା ଆବଶ୍ୟକ, ଯଦି ଆମ୍ଭେମାନେ ସତ୍ୟ ଜାଣୁ ବୋଲି ଦାବୀ କରୁ, କିନ୍ତୁ ଆମ୍ଭମାନଙ୍କ ଜୀବନରେ ପରିବର୍ତ୍ତନ ନାହିଁ, ତେବେ ଆମ୍ଭେମାନେ ଆପଣା ଆପଣାକୁ ଭ୍ରାନ୍ତ କରୁଅଛୁ । କିନ୍ତୁ ଆମ୍ଭେମାନେ ଈଶ୍ୱରଙ୍କୁ ଭ୍ରାନ୍ତି ନ ପାରୁ । ଯଦି ଆମ୍ଭେମାନେ ଆପଣା ଧର୍ମକର୍ମ ଦ୍ୱାରା ଧାର୍ମିକ ଗଣିତ ହୋଇ ପାରିବୁ ବୋଲି ମନେ କରୁଅଛୁ, ତେବେ ଈଶ୍ୱରଙ୍କ ବାକ୍ୟ ଠାରୁ ଆପଣାକୁ ଉନ୍ନତର କରୁଅଛୁ । ଅହଙ୍କାରୀମାନଙ୍କୁ ସଦାପ୍ରଭୁ ନତ କରିବେ ।" (ମାଥିଉ ୨୩:୧୨) ।

*– Cecil May Jr.*

*A Christian is a mind*
*through which Christ think.*
*a heart through which Christ loves.*
*a voice through which Christ speaks.*
*a hand through which Christ helps.*

❋❋❋

# ଦୁଇ ନିୟମର ତୁଳନା
## (Comparing the two Covenants)

ପରମେଶ୍ୱରଙ୍କ ଦତ୍ତ ଦୁଇ ନିୟମ (ପୁରାତନ ଓ ନୂତନ ମଧ୍ୟରେ କେତେକ ସାମଞ୍ଜସ୍ୟ ଓ କେତେକ ପାର୍ଥକ୍ୟ) ରହିଅଛି । ଉଦାହରଣ ସ୍ୱରୂପ :- ନରହତ୍ୟା ଓ ବ୍ୟଭିଚାର ଦୁଇ ନିୟମାନୁଯାୟୀ ପାପଟେ । ପରମେଶ୍ୱରଙ୍କୁ ଓ ଆପଣା ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରେମ କରିବା ଦୁଇ ନିୟମରେ କୁହାଯାଇ ଅଛି । କିନ୍ତୁ ଏହି ଦୁଇ ନିୟମରେ ମଧ୍ୟ କେତେକ ପାର୍ଥକ୍ୟତା ରହିଅଛି, ଯାହା ଈଶ୍ବରଙ୍କ ବାକ୍ୟ ସୁସ୍ପଷ୍ଟ କରେ ।

୧) ପୁରାତନ ନିୟମ କେବଳ ଇଶ୍ରାଏଲ ଜାତି ନିମନ୍ତେ ଦତ୍ତ ହୋଇଥିଲା । (ଦ୍ୱି.ବି. ୫;୧୪, ଏଫିସୀ ୨:୧୧-୧୩) । ନୂତନ ନିୟମ ସମସ୍ତ ଜାତି, ସମସ୍ତ ଦେଶ ଓ ସମସ୍ତ ଗୋଷ୍ଠୀ ନିମନ୍ତେ ଦତ୍ତ ହୋଇଅଛି । (ମାର୍କ ୧୫:୧୫-୧୬, ଗାଲାତି ୩:୨୮) ।

୨) ମୋଶା, ପୁରାତନ ନିୟମର ମଧ୍ୟସ୍ଥ ଥିଲେ । (ଗାଲାତି ୩:୧୯, ଯୋହନ ୧:୧୭) । ନୂତନ ନିୟମର ମଧ୍ୟସ୍ଥ ଯୀଶୁଖ୍ରୀଷ୍ଟ ଅଟନ୍ତି । (ଏବ୍ରୀ ୯:୧୫) ।

୩) ପୁରାତନ ନିୟମ ପଶୁବଳିର ରକ୍ତ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । (ଯାତ୍ରା ୨୪:୧-୮) । ନୂତନ ନିୟମ ଖ୍ରୀଷ୍ଟଙ୍କ ପବିତ୍ର ରକ୍ତ ଦ୍ୱାରା ପ୍ରତିଷ୍ଠିତ ହୋଇଅଛି । (ଯୋହନ ୩:୧୬; ଲୂକ ୨୨:୨୦, ଏବ୍ରୀ ୯:୧୫-୨୬) ।

୪) ଖ୍ରୀଷ୍ଟଙ୍କ କ୍ରୁଶୀୟ ମୃତ୍ୟୁରେ ପୁରାତନ ନିୟମର ଅନ୍ତ ହେଲା । (କଲସୀ ୨:୧୪, ଗାଲାତି ୩:୧୪-୨୫) । ଖ୍ରୀଷ୍ଟଙ୍କ କ୍ରୁଶୀୟ ମୃତ୍ୟୁରେ ନୂତନ ନିୟମ ଆରମ୍ଭ ହେଲା । (ଏବ୍ରୀ ୯:୧୫-୧୭) ।

୫) ପୁରାତନ ନିୟମ ଇଶ୍ରାଏଲ ସନ୍ତାନମାନଙ୍କ ନିମନ୍ତେ ଭାର ଥିଲା । (ଗାଲାତି ୫:୧-୩, ପ୍ରେରିତ ୧୫:୧୦) । ନୂତନ ନିୟମ ପ୍ରତ୍ୟେକ ଜାତି ନିମନ୍ତେ "ସ୍ୱାଧୀନତାର ନିୟମ" । (ଯାକୁବ ୧:୨୫, ରୋମୀୟ ୧:୧୬, ମାଥିଉ ୨୮:୧୯) ।

୬) ପୁରାତନ ନିୟମରେ ସମାଗମ ତମ୍ବୁ ଓ ତପ୍ରେ ଯିରୁଶାଲମ ମନ୍ଦିର ପ୍ରାଧାନ୍ୟତା ଥିଲା । କିନ୍ତୁ ନୂତନ ନିୟମରେ ଖ୍ରୀଷ୍ଟିୟାନମାନେ ପରମେଶ୍ୱରଙ୍କ ଆତ୍ମୀୟ

ମନ୍ଦିର ଅଟନ୍ତି । ଖ୍ରୀଷ୍ଟ, ଏହି ମନ୍ଦିରର ପ୍ରଧାନ ପ୍ରସ୍ତର ଏବଂ ଖ୍ରୀଷ୍ଟିୟାନମାନେ ଜୀବନ୍ତ ପ୍ରସ୍ତର, (୧ମ କରିନ୍ଥୀ ୩:୧୧, ୧୬-୧୭,୧ମ ପିତର ୨:୪-୫) ।

୭) ପୁରାତନ ନିୟମ କାଳରେ ଅନେକ ପର୍ବପର୍ବାଣୀ, ପବିତ୍ର ଦିବସ, ବଳି ଓ ସେମାନେ ଆନନ୍ଦ ପୂର୍ବକ ଏକ ନଗରରେ ଏକତ୍ର ହୋଇ ଭୋଜନପାନ କରିବାର ପ୍ରଥା ଥିଲା । (ଲେବୀ ୨୩; ଯାତ୍ରା ୩୪:୨୪, ଦ୍ୱି.ବି. ୧୨:୧-୧୧, ୨୬-୨୭) । ନୂତନ ନିୟମରେ କେବଳ ଏକମାତ୍ର ଦିବସ ଅର୍ଥାତ୍ ସପ୍ତାହର ପ୍ରଥମ ଦିବସ ଖ୍ରୀଷ୍ଟଙ୍କ ମରଣ ସ୍ମରଣାର୍ଥେ ପାଳନ କରାଯାଏ । (ଯୋହନ ୪:୨୧-୨୪, ପ୍ରେରିତ ୨୦:୭, ୧ମ କରିନ୍ଥୀ ୧୧:୧୭-୨୬ ଓ ୧୬:୨) ।

୮) ପୁରାତନ ନିୟମରେ ଦଶମାଂଶ, ପଶୁବଳି, ସୁଗନ୍ଧି ଧୂପ, ଯାନ୍ତ୍ରିକ ସଙ୍ଗୀତ ଉପାସନାରେ ସ୍ଥାନ ପାଇଥିଲା । (ଲେବୀ ୩-୭, ୨୭:୩୦, ୧୬:୧୨. ୨ ବଂଶାବଳୀ ୨୯:୨୫) । ନୂତନ ନିୟମର ଆରାଧନାରେ ଏହି ସବୁ ଅନ୍ତର୍ଭୁକ୍ତ କରାଯାଏ ନାହିଁ । ବରଂ ଗୀତ ଗାଇବା, ପ୍ରାର୍ଥନା କରିବା, ବାକ୍ୟଧ୍ୟାନ, ପ୍ରଭୁଭୋଜରେ ଭାଗ ନେବା, ହୃଦୟରେ ନିଶ୍ଚିତ କରି ଦେବା, ନୂତନ ନିୟମର ପ୍ରଥା ଅଟେ । (ଏଫିସୀ ୫:୧୯, ୧ମ କରିନ୍ଥୀ ୧୪:୧୫-୧୬; ୧୬;୧୨ ୨ୟ କରିନ୍ଥୀ ୯:୭, ପ୍ରେରିତ ୨୦:୭) ।

୯) ପୁରାତନ ନିୟମରେ କେବଳ ଲେବୀୟ ଗୋଷ୍ଠୀୟମାନେ ଯାଜକତ୍ୱ କରିବା ନିମନ୍ତେ ମନୋନୀତ ହୋଇଥିଲେ । (ଯାତ୍ରା ୨୮:୧, ୩ଛ୧-୧୦, ୯ଇଓୖକ୍ସ ୭:୫) । କିନ୍ତୁ ନୂତନ ନିୟମରେ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଯାଜକ ଅଟନ୍ତି । (୧ମ ପିତର ୨:୫-୯, ପ୍ରକାଶିତ ୧:୬) ଏବଂ ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ପ୍ରଧାନ ମହାଯାଜକ ଅଟନ୍ତି । (ଏବ୍ରୀ ୩:୧;୪, ୪:୧୪-୧୬) ।

ପୁରାତନ ନିୟମରେ ଇଶ୍ରାଏଲ ଜାତିକୁ ଏକ ମଧୁ ଓ ଦୁଗ୍ଧ ପ୍ରବାହୀ ଦେଶ ପ୍ରତିଜ୍ଞା କରାଯାଇଥିଲା । (ଯାତ୍ରା ୬:୪, ୧ମ ରାଜାବଳୀ ୮:୫୬) । ନୂତନ ନିୟମରେ ପ୍ରତ୍ୟେକ ବିଶ୍ୱସ୍ତ ଖ୍ରୀଷ୍ଟିୟାନ ନିମନ୍ତେ ସ୍ୱର୍ଗରେ ଅନନ୍ତଜୀବନ ପ୍ରତିଜ୍ଞା କରାଯାଇଅଛି ।

*– Roycle Frederide*

# ମନୁଷ୍ୟ ମଧ୍ୟରେ ନିବାସ
## (Dwelling Amidst the people)

ବୃଦ୍ଧ ପିତା ନୋହ ଆପଣା ପୁତ୍ର ଶେମକୁ ଆଶୀର୍ବାଦ କରି କହିଥିଲେ, "...ଶେମର ପରମେଶ୍ୱର ସଦାପ୍ରଭୁ ଧନ୍ୟ ହେଉନ୍ତୁ; କିଣାନ ଶେମର ଦାସ ହେଉ ପରମେଶ୍ୱର ଯାଫେତ୍‌କୁ ବର୍ଦ୍ଧିଷ୍ଣୁ କରନ୍ତୁ, ପୁଣି ସେ ଶେମର ତମ୍ବୁରେ ବାସ କରୁ ।" (ଆଦି ୯:୨୬-୨୭) । ଅନେକ ଶତାବ୍ଦ ଧରି ବାଇବଲର ଛାତ୍ରମାନଙ୍କ ମନରେ ପ୍ରଶ୍ନ ଉଠି ଅଛି ଯେ, "ଯାଫେତ୍" କିଅବା ଶେମ ତମ୍ବୁରେ ବାସ କରିବ ବୋଲି ନୋହ ଆଶୀର୍ବାଦ କରି ଅଛନ୍ତି ? ଅନେକ ଯାଫେତ୍, ଶେମର ତମ୍ବୁରେ ବାସ କରିବ ବୋଲି ମନେ କରି ନୋହଙ୍କ ଆଶୀର୍ବାଦ ସେହି ଦୁଇ ଭାଇ ମଧ୍ୟରେ ବିଭକ୍ତ କରନ୍ତି । ଅନ୍ୟ କେତେକଙ୍କ ମତରେ ଯିହୂବା ଶେମଙ୍କ ତମ୍ବୁରେ ବାସ କରିବେ ବୋଲି ନୋହ ଆଶୀର୍ବାଦ କରିଥିଲେ ବୋଲି ମନେ କରନ୍ତି । ପରମେଶ୍ୱରଙ୍କ ମନୋନୀତ ପ୍ରଜାମାନଙ୍କ ଆଦିପିତା ଅବ୍ରାହମ ଯେ କି ଶେମଙ୍କ ବଂଶଧର ଥିଲେ, ତମ୍ବୁ ନିବାସୀ ଏକ ଯାଜବର ଥିଲେ । (ଆଦି ୧୧:୨୦-୨୬) । ପରମେଶ୍ୱରଙ୍କ 'ସଞ୍ଚିତ ଧନ', 'ରାଜବଂଶ' ଓ ପବିତ୍ର ଗୋଷ୍ଠୀ ଯେ ଇଶ୍ରାଏଲ ଗୋଷ୍ଠୀ ନୋହଙ୍କ ପୁତ୍ର ଶେମଙ୍କ ବଂଶଧର । ଶେମଙ୍କ ବଂଶ ଇଶ୍ରାଏଲ ଗୋଷ୍ଠୀଙ୍କୁ ସଦାପ୍ରଭୁ ପ୍ରତିଜ୍ଞା କରି କହିଥିଲେ, "ଆମ୍ଭେ ଇଶ୍ରାଏଲ ସନ୍ତାନ ମଧ୍ୟରେ ବାସ କରି ସେମାନଙ୍କର ପରମେଶ୍ୱର ହେବା ।" (ଯାତ୍ରା ୨୯:୪୫) । ସମାଗମ ତମ୍ବୁରେ ନିର୍ମାଣ ସଂପୂର୍ଣ୍ଣ ହେବାପରେ, "...ମେଘ ସେହି ସମାଗମ ତମ୍ବୁ ଆଚ୍ଛାଦନ କଲା ଓ ସଦାପ୍ରଭୁଙ୍କର ପ୍ରତାପ ଆବାସକୁ ପରିପୂର୍ଣ୍ଣ କଲା ।" (ଯାତ୍ରା ୪୦:୩୪) । ସଦାପ୍ରଭୁ ଆପଣା ସଞ୍ଚିତ ଧନ ଯେ ଇଶ୍ରାଏଲ ଗୋଷ୍ଠୀ ସେମାନଙ୍କ ମଧ୍ୟରେ ସେ ବାସ କଲେ ।'

ପବିତ୍ର ପରମେଶ୍ୱର ପବିତ୍ର ପ୍ରଜାମାନଙ୍କ ମଧ୍ୟରେ ବାସ କରନ୍ତି । ଶେମକ ବଂଶଧର ଇଶ୍ରାଏଲ ଜାତିକୁ ସଦାପ୍ରଭୁ କହିଲେ, "...ତୁମ୍ଭେମାନେ ପବିତ୍ର ହେବ, କାରଣ ଆମ୍ଭେ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ପବିତ୍ର ଅଟୁ ।" (ଲେବୀ ୧୯:୨) । "...କାରଣ ତୁମ୍ଭେ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ପବିତ୍ର ଲୋକ ଅଟ । ପୃଥିବୀସ୍ଥ ସମସ୍ତ ଗୋଷ୍ଠୀରୁ ତୁମ୍ଭକୁ ଆପଣାର ସଞ୍ଚିତ ଧନ କରିବା ନିମନ୍ତେ ସଦାପ୍ରଭୁ

ତୁମ୍ଭ ପରମେଶ୍ୱର ତୁମ୍ଭକୁ ମନୋନୀତ କରି ଅଛନ୍ତି ।" (ଦ୍ୱି.ବି. ୭:୬) । ସେମାନେ କିଣାନ ଦେଶରେ ବାସ କରି, ସେଠାସ୍ଥ ଗୋଷ୍ଠଗମାନଙ୍କୁ ପରାସ୍ତ କରି, ଦୂର କରିବା ନିମନ୍ତେ ଆଜ୍ଞା ଦେଇଥିଲେ । (ଦ୍ୱି.ବି. ୭:୧-୫) । ସଦାପ୍ରଭୁ ସେମାନଙ୍କ ସହିତ ବାସ କରୁଥିବାରୁ ବ୍ୟଭିଚାର, ପ୍ରତିମା ପୂଜା, ପୁଂଲିଙ୍ଗ ସଂପର୍ଶରେ ଦୂର କରିବା ନିମନ୍ତେ ଇଶ୍ରାଏଲ ଗୋଷ୍ଠୀକୁ ଆଜ୍ଞାପିତ ହୋଇଥିଲେ । (ଲେବୀ ୧୮:୨୦-୨୩) । "...ଏହି ରୂପେ ତୁମ୍ଭେ ଆପଣା ମଧ୍ୟରୁ ଦୁଷ୍ଟତାକୁ ଉଚ୍ଛିନ୍ନ କରିବ...।" ବୋଲି ସଦାପ୍ରଭୁ ସେମାନଙ୍କୁ ଆଜ୍ଞା ଦେଇଥିଲେ, ଯେପରି ସେମାନଙ୍କ ମଧ୍ୟରୁ ସମସ୍ତ ପ୍ରକାର ପାପ ଦୂର ହୁଏ । (ଦ୍ୱି.ବି. ୧୩:୫-୯ ଓ ୧୭:୫-୭; ୨୨:୨୧) । କିହେତୁ ? ପରମେସ୍ୱରଙ୍କ ପବିତ୍ର ସାନ୍ନିଧ୍ୟ ସେମାନଙ୍କ ନିବାସରେ ସ୍ଥିତ ଥିବାରୁ ! ହାରଣଙ୍କ ନିର୍ମିତ-ସ୍ୱର୍ଣ୍ଣ ବାଛୁରୀକୁ ଇଶ୍ରାଏଲମାନେ ଉପାସନା କରିବାରୁ ସଦାପ୍ରଭୁ ପରମେଶ୍ୱର ସେମାନଙ୍କୁ କହିଲେ, "ଏଥିନିମନ୍ତେ ସେହି ଦୁଗ୍ଧ ମଧୁ ପ୍ରବାହୀ ଦେଶକୁ ଯାଅ, ମାତ୍ର ଆମ୍ଭେ ତୁମ୍ଭର ମଧ୍ୟବର୍ତ୍ତୀ ହୋଇ ଯିବୁ ନାହିଁ, ଗଲେ ଆମ୍ଭେ ପଥ ମଧ୍ୟରେ ତୁମ୍ଭକୁ ସଂହାର କରିବା, କାରଣ ତୁମ୍ଭେ ଶକ୍ତଗ୍ରୀବ ଲୋକ ।" (ଯାତ୍ରା ୩୩:୩) । ସଦାପ୍ରଭୁଙ୍କ ସାନ୍ନିଧ୍ୟରେ ଜୀବନ ଯାପନ କରିବାର ଯୋଗ୍ୟତା ନ ଥିବାରୁ ନ୍ୟାୟବାନ ପରମେଶ୍ୱରଙ୍କ କ୍ରୋଧର ପାତ୍ର ହେଉଥିଲେ । ପବିତ୍ର ପରମେଶ୍ୱରଙ୍କ ସାନ୍ନିଧ୍ୟରେ ବାସ କରିବା କେତେ ଭୟଙ୍କର ବିଷୟ ।

ଆମ୍ଭେମାନେ ଅର୍ଥାତ୍ ଜୀବନ୍ତ ପରମେଶ୍ୱରହ୍ଙ୍କ ମନ୍ଦିର ଅର୍ଥାତ୍ ତାହାଙ୍କ ବାସ ସ୍ଥଳ ! (୧ମ କରିନ୍ଥୀ ୩:୧୬) । ଆମ୍ଭେମାନେ ତାହାଙ୍କ ମନୋନୀତ ପ୍ରଜା ଓ ପବିତ୍ର ବଂଶ । ଇଶ୍ରାଏଲ ବଂଶ ସଦୃଶ୍ୟ, ଆମ୍ଭେମାନେ ମଧ୍ୟ ପରମେଶ୍ୱରଙ୍କ ସଦୃଶ୍ୟ ପିବତ୍ର ହେବା ଆବଶ୍ୟକ ବୋଲି, ୧ମ ପିତର ୧:୧୬ ପଦରେ ପଢ଼ିଥାଉଁ । ଆସ, ଆମ୍ଭେମାନେ ଏହି ପାପମୟ, କଳୁଷିତ, ଓ କଳଙ୍କ ଜଗତରେ ଆପଣା ଆପଣାକୁ 'ପବିତ୍ର' ରୂପେ ଗଢ଼ୁଁ । ଯେପରି କି ପବିତ୍ର ପରମେଶ୍ୱର ଆମ୍ଭମାନଙ୍କ ମଧ୍ୟରେ ନିବାସ କରିବେ ।

– *Rex Banks*

❋❋❋

# ବିଚାରଦିନର କେତୋଟି ବିସ୍ମୟକର ବିଷୟ

## (Some Judgement day Surprises)

ମାନବ ସମାଜ ନିମନ୍ତେ ଦୁଇ ନିଯୁକ୍ତି ଦିନ ଅଛି । (୧) ମୃତ୍ୟୁ, (୨) ବିଚାର ଦିନ । ବାଇବଲର ବାକ୍ୟ ଅଜ୍ଞାତ ଲୋକେ ମଧ୍ୟ ସ୍ୱତଃସ୍ଫୂର୍ତ୍ତ ଭାବେ ବିଚାରଦିନ ବିଷୟରେ ଜ୍ଞାତ ଅଟନ୍ତି । ବିଚାରଦିନରେ ଅନେକ ବିଷାଦମୟ ଓ ଅନେକ ଆନନ୍ଦମୟ ବିସ୍ମୟ, ମନୁଷ୍ୟମାନେ ସମ୍ମୁଖିନ ହେବେ !

**ସ୍ୱନୀତି ଉପରେ ନିର୍ଭର କରିବା ଲୋକେ ବିସ୍ମିତ ହେବେ :-**

"ସ୍ୱନୀତି ଉପରେ ନିର୍ଭର କରିବା ଲୋକେ, ଖ୍ରୀଷ୍ଟଙ୍କ ରକ୍ତର ଆବଶ୍ୟକତା ଅନୁଭବ କରନ୍ତି ନାହିଁ । ସେମାନେ ଆପଣା ଆପଣା ଧାର୍ମିକ ଜୀବନ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୋଇପାରିବେ ବୋଲି ସେମାନେ ବିଶ୍ୱାସ କରନ୍ତି । କିନ୍ତୁ ବାକ୍ୟ କହେ, ସମସ୍ତେ ପାପ କରି ଅଛନ୍ତି, ପୁଣି ଈଶ୍ୱରଙ୍କ ଗୌରରହିତ ହୋଇ ଅଛନ୍ତି ।" (ରୋମୀୟ ୩:୨୩) । ମନୁଷ୍ୟର ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଅନୁଗ୍ରହ ଅତ୍ୟାବଶ୍ୟକ । ଆମ୍ଭେମାନେ ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ପରିତ୍ରାଣ ପ୍ରାପ୍ତ ଅଛୁ । ଆପଣା ଆପଣା ଧାର୍ମିକତା ଯୋଗୁଁ ନୁହେଁ ।

**କେବଳ ବିଶ୍ୱାସ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହେବେ ବୋଲି ବିଶ୍ୱାସ କରିବା ଲୋକେ ବିସ୍ମିତ ହେବେ :-**

କେବଳ ବିଶ୍ୱାସ ଦ୍ୱାରା ଆମ୍ଭେମାନେ ପରିତ୍ରାଣ ପ୍ରାପ୍ତ ପାରିବା ନାହିଁ । ଯାକୁବ କହନ୍ତି, "...ବିଶ୍ୱାସ କର୍ମ ବିନା ନିଜେ ମୃତ... ...ଈଶ୍ୱର ଯେ ଏକମାତ୍ର, ଏହା ବିଶ୍ୱାସ କରୁଅଛି, ଭଲ କଥା, ଭୂତମାନେ ମଧ୍ୟ ବିଶ୍ୱାସ କରି ଥରହର ହୁଅନ୍ତି ।" (ଯାକୁବ ୨:୧୪-୨୬) । ଆମ୍ଭମାନଙ୍କ ବିଶ୍ୱାସ, ଆମ୍ଭମାନଙ୍କ କର୍ମ ସହ ଜଡିତ ହେବା ଆବଶ୍ୟକ । ତଥାପି ଅନେକେ କେବଳ ବିଶ୍ୱାସ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୋଇ ପାରନ୍ତି ବୋଲି ମନେ କରନ୍ତି ।

**ଅଳସୁଆମାନେ ବିସ୍ମିତ ହେବେ :-**

ଅଳସୁଆ ଖ୍ରୀଷ୍ଟିୟାନମାନେ ଅକର୍ମଣ୍ୟ ଖ୍ରୀଷ୍ଟିୟାନ । ଅଳସୁଆମାନେ ଦୁଷ୍ଟ ଖ୍ରୀଷ୍ଟିୟାନ ବୋଲି ଲୋକେ ଗ୍ରହଣ କରନ୍ତି ନାହିଁ । ଦାସମାନଙ୍କୁ ତୋଡା ଦେଇଥିବା ବ୍ୟକ୍ତିଙ୍କ ଉଦାହରଣରେ, ଏକ ତୋଡା ପ୍ରାପ୍ତ ଦାସ ଏକ ଅଳସୁଆ ଦାସ ଥିଲା । ମିଥ୍ୟାବାଦୀ ଓ ଚୋରମାନଙ୍କ ସଦୃଶ୍ୟ ସେ ରୋଦନ ଓ ଦନ୍ତର କିଡିମିଡିର ସ୍ଥାନ 'ନରକ'ରେ ନିକ୍ଷିପ୍ତ ହେଲା । (ମାଥିଉ ୨୫:୧୪-୩୦) । ଏକ ତୋଡା ପ୍ରାପ୍ତ ଦାସ ଅଧର୍ମିକତା ବିଷୟରେ କିଛି କୁହାଯାଏ ନାହିଁ । କିନ୍ତୁ ଅଳସୁଆ ଦାସ ନରକରେ ନିକ୍ଷିପ୍ତ ହେଲା ।

**ଉଷତୁଷ୍ଟ ମଣ୍ଡଳୀମାନେ ବିସ୍ମିତ ହେବେ :-**

ଲାଅଦିକୀଆର ମଣ୍ଡଳୀ ଆପଣାକୁ ସିଦ୍ଧ ଓ ପବିତ୍ର ମନେ କରୁଥିଲେ । ଆଜିର ଅନେକ ମଣ୍ଡଳୀ ମଧ୍ୟ ଏହି ମନୋଭାବରେ ଅଛନ୍ତି । ସେମାନେ ଆପଣା ଦୃଷ୍ଟିରେ ସତ୍, ହେଲେ ସୁଦ୍ଧା, ସଦାପ୍ରଭୁଙ୍କ ଦୃଷ୍ଟିରେ ସମ୍ପୂର୍ଣ୍ଣ ନୁହନ୍ତି । (ପ୍ରକାଶିତ ୫:୧୪-୧୯) । ଆତ୍ମିକ ବିଷୟରେ ଉଷତୁଷ୍ଟ ରହିବା ବିଷୟରେ ମନୁଷ୍ୟର ମନୋଭାବନା ଭ୍ରାନ୍ତମୟ ।

**ଆପଣା ଜିହ୍ୱାକୁ ବଶୀଭୂତ ନ କରିବା ଲୋକେ ବିସ୍ମିତ ହେବେ :-**

ଯାକୁବଙ୍କ ଲେଖନନୁଯାୟୀ ଆପଣା ଜିହ୍ୱାକୁ ବଶୀଭୂତ ନ କରିବା ଲୋକଙ୍କ ଧର୍ମପରାୟଣତା ବୃଥା (ଯାକୁବ ୧:୨୬) । ଆମ୍ଭମାନଙ୍କ ମଧ୍ୟରୁ ଅଧିକାଂଶ ଲୋକେ, ଅଦରକାରୀ କଥା କହୁ । ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ବିନାଶ ଜନକ ଆମ୍ଭମାନଙ୍କ ଏହି ଜଗତ ବ୍ୟର୍ଥ କଥନରେ ପୂର୍ଣ୍ଣ । ଆମ୍ଭମାନଙ୍କ ପ୍ରତ୍ୟେକ ଅସାର କଥା, ପରମେଶ୍ୱରଙ୍କ ପୁସ୍ତକରେ ଲିଖିତ ହୁଏ । (ମାଥିଉ ୧୨:୩୬-୨୭) ।

**ମନୁଷ୍ୟ ସ୍ଥାପିତ ସିଦ୍ଧାନ୍ତ ଅନୁକରଣକାରୀମାନେ ବିସ୍ମିତ ହେବେ :-**

ମନୁଷ୍ୟର ପରମ୍ପରାଗତ ରୀତିନିତି ଖ୍ରୀଷ୍ଟଧର୍ମର ବିରୁଦ୍ଧ । (ମାର୍କ ୭;୭) । ବାକ୍ୟରେ ସତର୍କତା ସତ୍ତ୍ୱେ ଧର୍ମଜଗତ ଶିକ୍ଷା ଦେଉଥିବା ରୀତିନିତି ମନୁଷ୍ୟମାନଙ୍କ

ଆଲୋଚନାରୁ ଉଦ୍ଭାବିତ ହୁଏ । ଆପଣା ସ୍ୱନୀତି ରୀତିନିତି ପ୍ରଚାର କରୁଥିବା ଲୋକେ, ଆପଣାଙ୍କୁ ବାଇବଲର ବାକ୍ୟରୁ ଅଧିକ ରୂପେ ମଣନ୍ତି । କିନ୍ତୁ ବାକ୍ୟ କହେ, "ସମସ୍ତ ଶାସ୍ତ୍ର ଈଶ୍ୱର ନିଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ । ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ । " (୨ତୀମଥି ୩:୧୬-୧୭) । ଈଶ୍ୱରଙ୍କ ବାକ୍ୟ ସିଦ୍ଧ ଓ ସଂପୂର୍ଣ୍ଣ ଅଟେ । ଖ୍ରୀଷ୍ଟ ଧର୍ମ ଜଗତରେ ମନୁଷ୍ୟର ପରମ୍ପରାଗତ ରୀତିନିତିର ସ୍ଥାନ ନାହିଁ ।

## 'କେବଳ ଶ୍ରୋତାମାନେ' ବିସ୍ମିତ ହେବେ :-

ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟରେ କେବଳ ଶ୍ରୋତମାତ୍ର ନ ହୋଇ, ତାହା ପାଳନ କରୁ । ଅନେକେ ବାକ୍ୟ ଶ୍ରବଣ କରନ୍ତି, କିନ୍ତୁ ପାଳନ ନ କରି ଆପଣା ଆପଣାକୁ ପ୍ରବଞ୍ଚନା କରନ୍ତି । (ଯାକୁବ ୧ : ୨ ୨) । ସେମାନଙ୍କ ଗତି ଅସୋଚନୀୟ । ଆପଣ କି ପରମେଶ୍ୱରହ୍କ ବାକ୍ୟ ପାଳନ କରୁ ଅଛନ୍ତି !

## ଧାର୍ମିକତାରେ ଅଜ୍ଞ ଲୋକେ ବିସ୍ମିତ ହେବେ :-

ଅଜ୍ଞାନର ପଥ ତାହାର ନିଜର ଦୃଷ୍ଟିରେ ଯଥାର୍ଥ । (ହିତ ଯ୨:୧୫) । ମୁର୍ଖମାନେ ପରମେଶ୍ୱରଙ୍କ ଇଚ୍ଛା ନ ଜାଣି, ବଳି ଉତ୍ସର୍ଗ କରିବା ନିମନ୍ତେ ତତ୍ପର ହୁଅନ୍ତି । ଜ୍ଞାନୀ ଶଲୋମନ କହନ୍ତି, "ତୁମ୍ଭେ ପରମେଶ୍ୱରଙ୍କ ଗୃହକୁ ଯିବା ବେଳେ ସାବଧାନରେ ଆପଣା ଚରଣ ରଖ, କାରଣ ମୁର୍ଖମାନଙ୍କର ବଳି ଉତ୍ସର୍ଗ କରିବା ଅପେକ୍ଷା ଶ୍ରବଣାର୍ଥେ ନିକଟବର୍ତ୍ତୀ ହେବାର ଉତ୍ତମ, ଯେଣୁ ସେମାନେ ମନ୍ଦକର୍ମ କହନ୍ତି ବୋଲି ଜାଣନ୍ତି ନାହିଁ । ଅନେକ କାର୍ଯ୍ୟ ମୁର୍ଖତାରେ ବାକ୍ୟ ବିରୁଦ୍ଧରେ ଅନେକ କାର୍ଯ୍ୟ ସାଧନ ହେଉଅଛି ।"

## ନିୟମିତ ଭାବେ ମଣ୍ଡଳୀ ଆରାଧନାରେ ଅନୁପସ୍ଥିତ ଲୋକେ ବିସ୍ମିତ ହେବେ :-

ମଣ୍ଡଳୀ ଉପାସନା ପରିତ୍ୟାଗ କରିବାର ପ୍ରତିଫଳ ଅନେକେ ଜ୍ଞାତ ନୁହଁନ୍ତି । କିନ୍ତୁ ବାକ୍ୟ କହେ, "ଆଉ କେହି କେହି ଯେପରି ମଣ୍ଡଳୀ ଉପାସନା । ପରିତ୍ୟାଗ କରି ଥାଆନ୍ତି , ଆମ୍ଭେମାନେ ସେପରି ନ କରୁ, ବରଂ ପରସ୍ପର ଉତ୍ସାହ ଦେଉଁ, ବିଶେଷତଃ ଯେତେବେଳେ ତୁମ୍ଭେମାନେ ପ୍ରଭୁଙ୍କ ଦିନ ନିକଟବର୍ତ୍ତୀ ହୋଇ ଆସୁଅଛି ବୋଲି ଦେଖୁଅଛ ।" (ଏବ୍ରୀ ୧୦:୨୫-୩୧) । ମଣ୍ଡଳୀ ଉପାସନା ପରିତ୍ୟାଗକାରୀ ମାନେ ଆତ୍ମିକ ଭାବେ ଅଭିବୃଦ୍ଧି ପାଇପାରିବେ ନାହିଁ । ସେମାନେ ଦଣ୍ଡିତ ହେବେ । କାରଣ ସେମାନେ ପରମେଶ୍ୱରଙ୍କଠାରୁ ଅଧିକଭାବେ ଜଗତକୁ ପ୍ରେମ କରୁ ଅଛନ୍ତି । ମଣ୍ଡଳୀ ଉପାସନା କରିବାର ଅର୍ଥ, ପ୍ରଭୁଙ୍କୁ ଅବହେଳା କରିବା ।

**ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଆନନ୍ଦମୟ ବିସ୍ମୟ :-**

ସ୍ୱର୍ଗ ଏକ ଅକଥନୀୟ ସୁନ୍ଦର ସ୍ଥାନ । ଏହାର ସୌନ୍ଦର୍ଯ୍ୟ ଓ ସନ୍ତୋଷ ନିତ୍ୟସ୍ଥାୟୀ । ଯେଉଁମାନେ ବାକ୍ୟାନୁଯାୟୀ ଏହି ଜଗତରେ ଜୀବନଯାପନ କରନ୍ତି ସେମାନେ ଏହି ନିତ୍ୟସ୍ଥାୟୀ ସ୍ଥାନରେ ଅନନ୍ତ ଜୀବନ ବିତାଇବେ । (ପ୍ରକାଶିତ ୨୨ ପର୍ବ ପଢ଼ନ୍ତୁ ) –

*–Williams Reeves*

❋❋❋

Edited & Published by : Kabita & Joshua Gootam

# THE KINGDOM

**Introduction :**

1) There are two kingdoms on the earth today
2) All people are in one or the other
3) They are both powerful
4) They are opposed to one another
5) Let us consider each one.

DISCUSSION :

**I. Earthly Kingdom. (1Corinthians 6:9; Galatians 5:21).**

1) It is of the world (John 18:36).
2) Satan is its ruler (Ephesians 6:12; Matthew 4).
3) Its subjects are sinners. (Romans 3:23)
4) It is full of darkness (1 Peter 2:9).
5) It is full of sin (Galatians 1:4).
6) It is described as worldly (1 John 2: 15).
7) The relgions of men are here (Mark 7:7).
8) It is called the broad way (Matthew 7:13,14).
9) It represents the sand (Matthew 7: 21-24)
10 It will be cast into hell (1 John 2:17)

**II. Spiritual Kingdom (Matthew 6:33; John 18:36).**

1) It is of the spiritual (Galatians 6:1).
2) Christ is its head (Colossians 1:18)
3) Its subjects are Christians (Ephesians 5:24).
4) It is full of light (1 Peter 2:9).
5) It is full of righteousness. (1 Peter 4:18).
6) It is the church (Matthew 16:18,19; Hebrews 12:28).
7) It contains the saved (Mark 16:16 ; Acts 2:47).
8) It consists of the faithful (James 1:12).
9) All spiritual blessings are in it (Ephesians 1:3).
10. It represents the narrow way. (Matthew 7:13-14)
11. It is like building on the rock (Matthew 7:21-24)

III. **Transferring from one kingdom to the other**

1) Christ tells how in John 3:3
2) One must take the right steps.
   a) Believes (Hebrews 11:6).
   b) Repent (Acts 17:30)
   c) Confess (Romans 10:10)
   d) Baptism (Mack 16:16)
3. This translates on from the kingdom of darkness to the kingdom of light (Colossians 1:13,14).

**Conclusion :**

1) The earthly kingdom has nothing special to offer
2) The spiritual kingdom of God is the greatest kingdom in all the world
3) The Lord's kingdom not only offers blessings now but eternal life to come

**J.C. CHOATE**

***Printed Book Only***

From:

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)